ଦୀନକୃଷ୍ଣ ଦାସଙ୍କ ବିରଚିତ

ନାବକେଳୀ

ନୂତନ ମୁଦ୍ରଣ

ପ୍ରକାଶକ—ଧର୍ମଗ୍ରନ୍ଥ ଷ୍ଟୋର

ପ୍ରାପ୍ତି ସ୍ଥାନ—ଧର୍ମଗ୍ରନ୍ଥ ଷ୍ଟୋର

ପ୍ରୋପ୍ରାଇଟର—ଶ୍ରୀ ବିଦ୍ୟାଧର ସାହୁ

ଅଲିଶା ବଜାର, କଟକ-୨

ମୂଲ୍ୟ—ଟ ୦-୨୫ ପଚିଶି ପଇସା

ନାବକେଳି

ଗୋପିଏ ବୋଇଲେ ଶୁଣ ଗୋ ମିତ । ଜନନ ଯାହାକଲେ ଯଶୋଦା ସୁତ ॥ ତା ତନ୍ତୁଁ ଆମ୍ଭକୁ ଆନ ନ ଦିଶେ । କଣ୍ଠଲଗ୍ନେକର ହିଆ ଉଲ୍ଲସେ ॥ ଯେଉଁ କୃତ୍ୟକଲେ କରୁଣାସିନ୍ଧୁ । କହ୍ନଲେ ହସିବେ ପରାଣ ବନ୍ଧୁ ॥ ଏକ ଦିନକରେ ସଙ୍ଗୁଆଳୀ । ରାଧାଙ୍କୁ ଭେଟିଯାଇ ସମାନ ଜାଳ । ମଥୁରା ହାଟକୁ ଯିବାର ପାଇଁ । ଦଧିମନ୍ଥନରେ ପଶିଲୁ ଗୋଷ୍ଠ ॥ ସମୁଦ୍ର ପ୍ରାୟେ ଶୁଭିଲେ ଦଧିମୁନ୍ଦା । ପକାଇରେ ବୁଲେ ପଞ୍ଚ ଶ ଖିଆ ॥ ଲାଗି ଉଠିଏ ସବୁସାଏ ଲାଗି । ଶଏ ବେଲକର କଳନା ଦାଣ୍ଡି ॥ ଯ ଘରେ ଅଧିକ ଦୁଏ ଗୋରସ । ତାସରେ ବୁଲଇ ଖିଆ ଦୁଇଶ ॥ ସବୁ ଗୋପୀଙ୍କର ହରଷ ଚିତ୍ତ । ଦଧିମନ୍ଥନେ ଗାଉଛନ୍ତି ଗୀତ ॥ କେ ବୋଲେ କେବଳ କରୁଣା କହ୍ନା । କୁଞ୍ଜବନୋଦିଆ ପଦ୍ମଲୋଚନା ॥ କେ ବୋଲେ ଖେଳାଉଛି ଜମୁନା ନଦୀ । ଖଗଆସନ କରୁଣା-ବାରିଧି ॥ କେ ବୋଲେ ଗୋବିନ୍ଦ ଗୋକୁଳ ନାଥ । ଗୋପ ମୋହନିଆ ଯଶୋଦାସୁତ ॥ କେ ବୋଲେ ଘଟିଆଳ ନବରଙ୍ଗ । ଘନଶ୍ୟାମଳିଆ ବରଜ ସଙ୍ଗ ॥ କେ ବୋଲେ ନାଗର ଶ୍ରୀବନମାଳୀ । ନଧନ ଧନିଆ ରଙ୍କ ଉଖାଳି ॥ କେବୋଲେ ଚନ୍ଦ୍ରମାମୁଖ ଉଜ୍ଜଳ । ଚିତା ସଜାଖେ କାଟିଥାଇ ଚୂଳ ॥ କେବୋଲେ ଛଇଳ ନାଗର କହ୍ନା । ଛନ୍ଦ ଶିରୋମଣି ଭକତଧନା ॥ କେବୋଲେ ଯାମଳାର୍ଜ୍ଜୁନ ଭଞ୍ଜନ । ଯୁବାସ୍ତ୍ରୀ ଗୋପଙ୍କର ଗର୍ବଗଞ୍ଜନ ॥ କେବୋଲେ ଝଲମଲେଟଣି ଚୂଡ଼ା । ଝାଡ଼ ବନୋଦିଆ ଝୁମିଟି ଖେଡ଼ା । କେ ବୋଲେ ନବୀନ ରସ ସାଗର । ନୂଆ ମଦନିଆ ହାଟ ନାଗର ॥ କେ ବୋଲେ ଟାଣୁ ମନ୍ଦର ଧର । ଟେକ ଚଷକର ଲବଣୀଚୋର କେ ବୋଲେ ଠାଠ ବ୍ରହ୍ମାଣ ବଳିଆ । ଠଣବଦନିଆ ମୁରଲିଫୁଙ୍କା । କେ ବୋଲେ ଡଙ୍କ ଦଳ ଗାରଡ଼ । ଡାକଲେ ଯାଇଁ ଶେଷ ବସ ଢଢ଼ । କେ ବୋଲେ ଢଳ କଢ଼ୁଥାଇ ହସା । ଢାଳେଣ୍ଟି ପୂତନା ସ୍ତନଶୋଷା । କେବୋଲେ ଧମନ୍ତ କାଳପଞ୍ଜରୁ । ଆରତ ଭଞ୍ଜନ କରୁଣାମେରୁ । କେ ବୋଲେ ତାପ ଖଣ୍ଡନ ମୁରାର

ତ୍ରୈଲୋକ୍ୟ ସୁନ୍ଦର ଜଗତ ବଦାସ । କେ ବୋଲେ ସ୍ଥଣୁଧ୍ୟାନ ଦେବା କାହ୍ନା । ଝଣ୍ଟଚର ବକା ଗୋବନଦେବା । କେବୋଲେ ଦୀନ ଦାରିଦ୍ର୍ୟ ଭଞ୍ଜନ । ଦନ୍ତ ଦୁଧଖିଆ ଦୁଃଖୀର ଧନ । କେ ବୋଲେ ନବ କୁସୁମ ଚୂଳିଆ । ବଂଶୀବଦନିଆ ମାଠ ମୂଳିଆ । କେବୋଲେ ନର୍ଗୁଣ ଗୁଣିକ ଚୁଛି । ନବୀନ ସୁନ୍ଦର ତ୍ରିଭଙ୍ଗୀ ମାଛି । କେ ବୋଲେ ତ୍ରିଭୁବନ ତାର ଭଳ । ପାଣି ଖାଟୁଆଳ କେଣିକ ଗଳ । କେ ବୋଲେ ପୁଳ ବିନୋଦ କହ୍ନାଇ । ଫୁଲ ଗୁଳ କପଣ ମଣ୍ଡା ଯାଇ । କେ ବୋଲେ ବଂଶୀବଦନ ସୁନ୍ଦର । ବୁଦ୍ଧି ଭୁଲିଆ ମୁରଲୀ ଧର । କେ ବୋଲେ ଭଜଣୀ ଦୁଷ୍ଟ ଅଣ୍ଟୁଆ । ଭେଳା ବୁଡ଼ାଣିଆ ଭେଳାଟେଣ୍ଟିଆ । କେ ବୋଲେ ମନମୋହନିଆ ଠାଣି । ମୋହନ ଲଗାଇ ବୃତ୍ତିଲକ୍ଷଣି । କେ ବୋଲେ ଜଗତ ଜନ ବନ୍ଦନ । ଯୁବା ବୟୁଟିଆ ଯଦୁନନ୍ଦନ । କେ ବୋଲେ ରସିକ ରୂପ କାଳିଆ । ରଙ୍ଗ ଲୋଚନିଆ ଗୁଞ୍ଜମାଳିଆ । କେ ବୋଲେ ଲକ୍ଷ୍ମୀପତି ବିନୋଦ । ଲୋଭ ଛୁଡ଼ ନୁହେଁ ପରମାନନ୍ଦ । କେ ବୋଲେ ବିବିଧ ରସିଆ ଗୋଠ । ବନ୍ଧୁ ମାଧ୍ୱାଧର ପାବକ ଛଟା । କେ ବୋଲେ ସୁନ୍ଦର ତ୍ରିମୂର୍ତ୍ତିଚୂଡ଼ା । ଶିରରେ ମୟୂର ଚନ୍ଦ୍ରିକା ବେଢ଼ା । କେ ବୋଲେ ସୁନ୍ଦର ଦେବାଧିରାଜ । ସୁଧାବଦନିଆ ଗରୁଡ଼ ଧ୍ୱଜା । କେବୋଲେ ସୃଜନ ଜଗତ କନ୍ଦ । ଅନ୍ତପବ ବ୍ରହ୍ମା ମହିମା ଭଳ ॥ କେବୋଲେ ହରିକ ନୁହେ ଉପେକ୍ଷି । ହିଆ ଜଳସଇ ହସିବା ଦେଖି । କେ ବୋଲେ ଷଡ଼ଗ ଚଦୁଚରଣ । ଦ୍ୱିଜ କୃଷ୍ଣଦାସ ପଶେ ଶରଣ/ ବିବିଧ ପ୍ରକାରେ ଗାଆନ୍ତି ଗୀତ । ସବୁ ଗୋପୀଙ୍କର ହରଷ ଚିତ୍ତ । ଏମନ୍ତେ ସତେ ଦଧିମନ୍ଥନ । ସଜ କଲେ ସବୁ ପସରମାନ । ଏକ ଆରକେ ଡାକି ଡାକି ହୋଇ । ବାହାର ହୋଇଲେ ଦେନଣ ବନ୍ତ । ରାଧିକା ଘେନିଥି ଯେତେକ ଚାନ୍ଦୀ । ଦଧିମୁହାଇ ଯେ ସମସ୍ତେ ଚଳ । ସୁବେଶ ହୋଇଲେ ଚଳିତ୍ରିଧାମା । ସୁନ୍ଦର ସୁଶୋଭିତ ଅନୁପମା । କଟିକଙ୍କିଣୀ ବାଜି ନୂପୁର । ଦାହେ ଧାଡ଼ିକ ହସ୍ତରେ କଙ୍କଣ । ଦଧିପସରା ଘେନଣ ମୁଣ୍ଡର । ବାହେ ଉଡ଼ୁଅଛି ପଣତ ଫେର ସମସ୍ତେ ସୁନ୍ଦରୀ

ଅପୂର୍ବରୂପ । ନାକେ ନାକଚଣା ମୁକୁତା ଶୋଭ । ହେମର ତାଡ଼ଙ୍କା
କର୍ଣ୍ଣରେ ଫୁଲ । ଝଟକେ ଚନ୍ଦ୍ର ତେଜ ତ ଅମୂଲ୍ୟ । ଲୋଟଣୀଜାଦେ
ବେ ଭଣାଇ ଖୋଷା । ଢଳ । କୁସୁମ ହୋଇଛି ମିଶା । ମୃଗାକ୍ଷୀନୟନ
ଅଞ୍ଜନରଞ୍ଜେ । ଚରଣ ନୂପୁରେ ଅଳତାମାନଙ୍କେ ଗୋପୀଏ
ଚାଲିଲେ ଶୁଣ ସଙ୍ଗାତ । କହ୍ନୁ ନ ପାରଇ ସେ ଯାନ କୃତ୍ୟ ।
ଏମନ୍ତ ବେଶ ସେ ହୋଇଣ ଗାଣ୍ଡ । ଯମୁନାକୂଳରେ ମିଳିଲେ ଯାଇ ।
ଦଧିମହସବୁପାନ ଅଛି ମୁଣ୍ଡେ । ଶ୍ୟାମ ଗୋବିନ୍ଦ ବୋଲୁଥାନ୍ତି ତୁଣ୍ଡେ ।
କହ୍ନୁ ନପାରଇ ସେହିନ କଥା । ଦେଖିଲୁ ବଢ଼ିଅଛି ନଦୀ ସୋଅ ।
ପ୍ରଖର ହୋଇ ବହୁଅଛି ପାଣି । ପୁଞ୍ଜା ପୁଞ୍ଜା ହୋଇ ଯାଉଛି ଫେଣୀ ।
ଲଟାଳିଆ ମାଛି ବହୁଛି ସଙ୍ଗେ । ଲହଡ଼ି ମାରୁଛି ନଦୀର ଅଙ୍ଗେ ।
ମହାଦାରୁମାନେ ଯାଆନ୍ତି ଭାସି । ତହିଁ ଉପରେ ସର୍ପଛନ୍ତି ବସି । ଲମ୍ବ
ଆକାରେ ଟେକିଛନ୍ତି ଫଣା । ଗର୍ଜନ ଶୁଣିଲେ ହେବ ଭେଟଣା ।
ସମୁଦ୍ରପ୍ରାୟେ ଶୁଭଇ ତହିଁ । ଖଳୁ ସୁସମ୍ଭର ଅନ୍ତରଦହଳ ।। ଦୃଷ୍ଟି
ଲୁହଇ ଭୟଙ୍କର ଦଶେ । ଭେକା ୨ ହୋଇ କୁମ୍ଭୀରଭାସେ । ବେନି
କୂଳେ ନଦୀପାଉଛି ମାଡ଼ି । କେଉଁଠାରେ ବନ ପଡ଼ୁଛି ଛୁଡ଼ି । ଦୃଷ୍ଟିଲେ
ଦୃଷ୍ଟି ନ ଦିଶଇ କୂଳ । ଚକ୍ରାକୃତି ହୋଇ ବୁଲୁଛି ଜଳ । ନାବ
କେଳୁଆନ କଲୁର୍ଣ୍ଣନାର୍ଣ୍ଣି । ଚାଟକା ହୋଇଲୁ ନଦୀକୁ ଦୃଷ୍ଟି । ଘନସା
କଦ୍ଧଳ ଲୁହଇ ପଶି । କି କରିବୁ ବୋଲି ଭାଳୁଛୁ ବସି । ଦେଖିଣ
ସବୁକୁ ଲାଗିଲା ବ୍ୟଥା । କେତେକ ବୋଇଲେ ଗୋ କେମନ୍ତ କଥା ।
ଖରତର ସ୍ରୋତ ଯାଉଛି ବହି । ଖରବେଳ କଥା ବଢ଼ିଲା ଦହି ।
କେହି ନ ଜାଣିଲେ ଆମ ଆଗର । ଜାଣିଲେ ଆସନ୍ତୁ ନୁହନ୍ତ ବାହାର ।
ଅମୃତା ହେଉଛି ମୂର୍ଚ୍ଛିଲ ଦହି । କି ବୁଦ୍ଧି କରିବୁ କହ ସୋ ସହି ।
ପଡ଼ିଆ ହେଉଛି ରଜନୀ ଯୋଗେ । କାର୍ଣ୍ଣି ବୁଲାଇବୁ ରଜାଙ୍କ ଆଗେ ।
ଭାଜନ ହୋଇଣ ଯୁବତୀ ସଖି । ଭାଳୁଅଛି ଏକ ଠାବରେ ବସି ।
ଏମନ୍ତ ବିଚାର କରନ୍ତେ ଏଥେ । ନାବ ଗୋଟାଏକ ଦିଶିଲା ତହିଁ ।
କୃଷ୍ଣ ବୋଲି ତାଙ୍କୁ ନ ଜାଣୁ କେହି । ମହାବାହୁ ହୋଇଛନ୍ତି କେବଟ
ହୋଇ । ଅହ୍ଲାଦ ହୋଇଡ଼ ବାଉଛି ନାଣି । ଦଦରା ନାବକୁ ବାହୁଛି

ସାଙ୍ଗି ॥ ମାଳଙ୍କ ନାମସ୍ତ୍ର କହନ୍ତେର ମନ୍ଦ । ନାବ ମୃଦଙ୍ଗମଙ୍କ ବସିଛୁ
ମାଡ଼ ॥ କନେଣ ବଉଁଶୀ କଙ୍କଣ ଆଗ୍ର । ମୟୂର ଚନ୍ଦନ ମସ୍ତକେ
ଶୋଭା । ପୀତବସ୍ତ୍ରକୁ ଆଏ ଅଣ୍ଟପାଖର । ଜାଲ ମଡ଼ିଅଛି ଯାବଲ୍ଲଭର
ଉପମାନ ନଣ ଶୀତମଦେ ଯାଇ । ସ୍ଥିରକର ନାବ ଦେଇଛୁ ବାନ୍ଧ ।
ଏତେ କହିଆ ଗୋ ନନ୍ଦର ବନ୍ଧ୍ରି । ବୃଦ୍ଧରୂପ ଧରି ନାବ ବାହୁଛୁ ।
ଅତି ଜରପଣ୍ଡ ଝଙ୍କର କେଶ । ଦେଖି ନ ଯୋଗାଏ ଏମନ୍ତ ବେଶ ।
ବେକ ନୟନରୁ ଝେରଭା ବହେ । ବଙ୍କା ନୟନେ ଚେଣିଆଇ ରୁହେଁ
ଗୋବନ୍ତ ହୋଇଛି ତାହାଣ ଗୋଡ଼ । ବୃକ୍ଷରେ ପଡ଼ିଛୁ ପାଦସଥୋଡ଼
କଳା ଦେହ ଛାତ ବସ୍ତ୍ରର ମୋଟା । ଦାନ୍ତ ନାହିଁ ବୁଢା ଘାଲୁଆ
ଗୋଟା । ବଦନ ଜନ୍ତଲେ ବୋମଳ ଝଷେ । ହସିଲେ ବୁଢା ପରପଞ୍ଚ
ବଶେ । ତାହା ଦେଖି ଆମ୍ଭେ ଜସଳ ହୋଇ । ନାବ ଆଣ ବୋ
ଡାକିଲୁ ଗୋଣ୍ଡ । ଅମ୍ବିକା ହୋଇଲ ଏକା ଗୋରସ । ଆଜ ସଉଦେ
ସବୁ ଯିବ ନାଶ । ଜଣେ ଜଣେ ଟୋଟେ କଉଡ଼ି ଦେବୁ । ପାର
କରି ନେଲେ ମଥୁରା ଯିବୁ । ସକାଳ ପ୍ରହରୁ ଅଛୁ ଅନାଇ । ବେଗେ
ନାବ ଆଣ କେଉଟ ଭାଇ । ଅନେକ ପ୍ରକାରେ ଡାକିଲୁ ତାଙ୍କୁ ।
କେବେ ନ ଆସିଲ ଆମ୍ଭ ପାଖକୁ ॥ ବଦନ ହେଠକ ଲକ୍ଷି ଥାଇ ରୁହେଁ ।
ଏଷିକ ବୋଇଲେ ଟେଣିକ ଯାଏ । ଜାଲ ସେମନ୍ତ ଥାଇ ଘାଟେ
ରହି । ଡାକ ଡାକ ମତେ ଶୁଣେ ନାହିଁ ॥ ଅଟେତ ଷୋଳ ସହସ୍ର
ମୃଗାକ୍ଷୀ । ବସୁଧ ଗରବେ ନ ଜାଣୁ କିଛି ଯେତେ ଭାଗ୍ୟକରି
ଅନ୍ଧକାରେ । ନାନଦେଲୁ ତାକୁ ନାନା ପ୍ରକାରେ । ଘଡ଼ି ନମସ୍କାରେ
ବୁଡ଼ୁଆ ଗୋଟା । ଜାଲ ହେଉଛି କି ଆରେ କେଉଟା ॥ ତାଙ୍କ
ଡାକ ଆମ୍ଭ ମରୁଛୁ ଏବେ । ସର୍ପ ଖାଉ ତୋର ବେନ ଶ୍ରବଣେ ।
ଦଇବ ଯେମନ୍ତେ ହୋଇବ ସତ । ବ୍ରହ୍ମବେ ତୋର ମାଡ଼ବସୁ ଭୂତ
ନାକମଙ୍କ ଚଣ୍ଡ୍ର ପଡ଼ିବାଛୁଡ଼ । ମଶ୍ଚିନ୍ଦ୍ରକ୍ଷେତ୍ର ତୁ ମଣିବୁ ବୁଡ଼ ।
ଅଷ୍ଟାଲ ଦଉଡ଼ି ଛିଡ଼ଣ ଯାଉ । ନାବ ବୁଡ଼ୁ ଚୋଟେ କୁମ୍ଭୀର ଖାଉ ।
ଏକମୁଖ ହୋଇ ସବ ଗୁଆଳୀ । ନାନା ପ୍ରକାରେ ଦେଉଛନ୍ତି
ଗାଳି । ଏମନ୍ତେ ଶ୍ରୀକୃଷ୍ଣ ତ ଲମ୍ବ କଲେ । କେ ତୁମ୍ଭେ ବୋଲିଣ

କୋପେ ବୋଇଲା । ବଦରୀ ନାବରେ ଅନଇ ଚଢ଼ି । କାହିଁକି
ମରୁଛ ବୋବାଳି ଛାଡ଼ି । ଅମ୍ଭେତ ତୁମ୍ଭର ନଗର ନୋହୁ । ମୀନ
ମାଂସଖାକୁ ନଗରେ ଆହ୍ନି । ଘୃତ ବଚନ ଦେଇଛନ୍ତି କଂସେ । କହିଁକି
ତେଜ ନେ କାଢ଼ୁଛ ଏବେ । ଗୋପିଏ ବୋଇଲେ ଶୁଣ ଭାଇ ।
ଉଚିତ କଥାକୁ ଚନ୍ଦ୍ର କହାଇ । ଚୋଦ ଦୁଃଖ ମୂଳ କରଉ ବେବୁ ।
ପାଣ କର ବେଳେ ମଥୁରା ଯିବୁ । ଘଣେ ଘଣେ ବେଳେ ଅଣଉସିନା
କାହିଁକି ଝୁରୁଛ କେଉଁଠ ନନା ଚୋଦଟେଟ ଭାଷ ନଦେବୁକାକ ।
ବେଗେ ପାରକର ସବ ନଗ ପିଙ୍କି । ଶ୍ରୀକୃଷ୍ଣ ବୋଇଲେ କେମନ୍ତ
ଯିବ । ଭଗ ନ ସହିବ ବଦରୀ ନାବ ଜଣଣ ଜଣଣ ନୋହାଇ ଯାଅ
ଗୋ ବସି । ଅଧିକ ଜଳକୁ ନୁହେଁ ଭରସି ଦଇବେ କ୍ଷୋଭସବୁ
ଗୋପନାରୀ । ଜଳୁ ସନ୍ତରନ ହୋଇଛୁ ଭାରି । ନାବ ଭାଙ୍ଗିଗଲେ
[illegible] କରିବ । ତୁମ୍ଭ ସଙ୍ଗତରେ ବୁଡ଼ି ମରିବ । ତୁମ୍ଭେମାନେ ଶୁଣ ।
[illegible] ଅବା । ତୁମ୍ଭେତ ଆମ୍ଭ କେଣ୍ଟାଇ ଥିବା । ରାଧିକା ବୋଇଲେ
ମୁଁ ଆଗ ଯିବ । ତଥି ଉହ୍ଲାଇ ନେଉଣ କୁଳେ ଥିବ । ନନ୍ଦକୁମରକୁ
ମେଦର ଭୟ । ନଚ ଆପୁଥଏ ବେଳ ଧରାଯୁ ସେ ମୋର ରଣଜା
ମୁଁ ତାର ମାଇଁ । ତାହାର ମୋହର ପଡ଼ଇ ନାହିଁ ବାଟେ ଦେଖିଣ
ଓଗ ଜଳ ଆଗ । ଭଣ୍ଡ ଭଷା କହ ମେଲଇ ଡାଗ । ଏଣୁ କଥା ମୋର
କହଇ ନେଉ । ଏଇକ୍ଷଣି ନକ ଅଇସ କାହ୍ନୁ । ଶ୍ରୀକୃଷ୍ଣ କହିଲେ
କହିଲୁ ଯେତେ । ଛୋଟ କଥା ରାଧ ଲାଗଇ ମୋତେ ଦଇବେ
ହଟିଆ ନାଗର କାହ୍ନା । ଯୁବା ସ୍ତ୍ରିଙ୍କର ଜୀବନ ସେନା । ପୁରୁ
ଗଉରବ ତା ଚହ୍ନି ନାହିଁ । ଦସ୍ୟା ଉପଦେଶ ନକରେ ସେହି ।
ମୋହର ତାହାକୁ ଭୟ ଅପାର । ଲୁଚି ବୁଲୁଥାଏ ତାହା ଡରର ।
ବଡ଼ ଦୁରୁଜନ ନନ୍ଦ ତନୟ । ତୁମ୍ଭ ଭତ୍ତୁଁ ମୋର ତାହାକୁ ଭୟ ।
ନାବ ଭିତରେ ଯୋ ଅଛଇ ବସି ଏଇକ୍ଷଣ ନକ ଦେବଇ ଆସି ।
ବଦରୀ ନାବ ମୋ ଜବକା ପିନା । କାଢ଼ଏ ପିଠି କରିଦେବ ଚୂନା ।
ଯୋଡ଼ ଏଠାବରେ ଆମ୍ଭେ ନ ଥିବା । ଏଣୁ କୂଳ ଛାଡ଼ି ନେଇକି
ଯିବା । ଏତେ ବୋଲି ନାବ ଦେଲେ ଘୁଞ୍ଚାଇ । ଚନ୍ଦ୍ରମୁଖୀ ନାବ
ଧଇଲା ଯାଇଁ । କାହିଁକି ପାଉଛ କେଉଁଠ ନନା । ମୋତେ ମାଶକ

ଛାରକର କଦା । ଦଇମା କର ମୁଁ କହୁଛୁ ତୋତେ । ଦନ୍ତେ ତୃଣ ଦେଇଯାଅ ନିମୋର୍ଥକ । କୃଷ୍ଣ ବୋଇଲେ ଗୋ ଅଇଲେ ଆସ । ନାବ ଭିତରେ ଯୋ ବହନ ବସ । ଶୁଣି ରାଧିକା ହରଷ ମନକୁ । ମେଲାଣି ମାଗିଲ ସଖୀମାନଙ୍କୁ । ସତଣି ଚଢ଼ାରେ ପସରା ଥୋଇ । ସ୍ଥିର ହୋଇ ମାରଦ କହିଲ . ରାଇ ଗୋପୀଙ୍କି ବୋଇଲେ ସେ ରଙ୍ଗାଧର । ତୁମ୍ଭମାନଙ୍କୁ ଯେ କରିବା ପାର ଏମନ୍ତ ବୋଲିଣ ସେ ବାସୁଦେବ । ... ନନ୍ଦ ତାଳ ଦେଲେ ନାବ । ବସ୍ତ୍ରୁ ମାସ୍ତାଧର କଲେ କୁହୁଡ଼ି । ଅକାଳ କୁହୁଡ଼ି ଅଇଲ ମାଡ଼ି । ଅସମ୍ଭବ କଥା ଗୋଚର ନୁହେ । ଦବଦସେ ଦଶିଲ ଅନ୍ଧାର ମୟେ ॥ ଦୂର କଥାମାନ ଚେଷ୍ଟିକ ଥାଉ । ବାଧାକୁ ବାଧା ନ ହଉଇ ଆଉ । ନାଗ ପୁଚ୍ଛମଙ୍ଗେ କୃଷ୍ଣ ବସିବେ । ରାଧିକାକୁ ଆଉ ଦୃଶ୍ୟ ନୋହିଲେ । ଚନ୍ଦ୍ରବଦନୀ ଯେ ମନେ କାତର । ବୋଇଲ ନିଷ୍ଟେ ମୁଁ ମଲି ଏଥର । ଏକାଳେ ମୋ ଶିରେ କୁଳ... ଚଢ଼ିଛି । ମଝି ନଈରେ ମୋ ଭେଳା ବୁଡ଼ୁଛି ॥ ଆଗ ପଛ ଦୃଶ ତବର ନାହିଁ । ଭଙ୍ଗା ନାବରେ ବସିଲି କପାଇଁ । ନାବ ଚୂମ୍ବମଙ୍ଗ ଯାଉଛୁ ଫାଟି । ପାଣି ପଶୁଅଛୁ ଦବର ଫୁଟି । ସଙ୍ଗେ କେହି ନାହିଁ ସ୍ୱଖା ସୋଦର । ପାନବନ୍ଧୁ ମୋତେ ବାରେ ଉଦ୍ଧାର । ସଖୀମାନଙ୍କୁ ଯେ ଅଇଲି ଛାଡ଼ି । ମଝି ନଈରେ ମୁଁ ମରୁଛୁ ବୁଡ଼ି । ଯେଉଁ କେଉଟ ବାହୁଥିଲ ନାବ । ସେହି କେଣେ ଗଲି ନଜାଣ ଠାବ । ସେହିଲୋକ ସିନା ତରସ୍ତେ ମଲା । ନାବୁଁ ତାକୁ ଅବା କୁମ୍ଭୀରଦେଲା ନୋହିଲେ ତାହାର କର୍ମ ଅବଳ । ପାଦ ଖସି ଯାଇ ପଡ଼ିଲ ଜଳ ॥ ପ୍ରଖର ସୁଅଚ ଅଗାଧ ପାଣି । କେଣେ ଭାସିଗଲା କେହି ନ ଜାଣି । ବିଧାତା ପୁରୁଷ ଏମନ୍ତ କଲା । ମୋତେ ନାଶକରି ଆପଣେ ମଲା । ଭଲ ଯୋଗ ଆଜ ଘଟୁ ଅଇଲ । ପୁରୁଷ ହତ୍ୟା ପାତକ ପାଇଲ । ପୁଣି ଢବ୍ରଇ ଶୋକ ମୁଖୀ । ବୁଡ଼ା ବୁଡ଼ା ବୋଲି ଡାକଇ ଦେଖି । ଭଲ ମନ୍ଦ କଥା ନ ଜାଣେ କହି । କେଉଁଠାରେ ଅବା ଶୋଇ ପଡ଼ିଛି । କୁଟୁମ୍ବଲୋକଙ୍କୁ ଅନାଥ କଲୁ । ମୋତେ ନାଶକରି ଆପଣେ ମଲୁ । ଭଙ୍ଗା ନାବ ତୋର ଯାଉଛି ଫାଟି । ପାଣି ପଶୁଅଛୁ ଦବର ଫାଟି । କାହିଁ ପଳାଇବ କର୍ଣ୍ଣ କରିବ । ଏହିକ୍ଷଣି ନଈ ବୁଡ଼ ମରିବ

ଏମନ୍ତ ରାଧାର ବଚନ ଶୁଣି । ମନରେ ଜାଣିଲେ ଦେବ ଶ୍ରୀପତି
କେରୁଆଳ ଧରି ଅନନ୍ତରୂପୀ । ରାଧାଙ୍କୁ ଚାହିଁଲେ କି ବୋଲୁ
ଗୋପୀ । ଅମୃତମୁଖେ ଆମ୍ଭେ ନଦୀ ପାରହୁଁ । ଗାଳି ଦେଇ ତୁ ଗୋ
ଳପ ବୋଲୁଛୁ । ରାଧିକା ବୋଇଲେ କେଉଟ ଭାଇ । ଉଚିତ କଥାକୁ
ଚଳୁ କମାଇ । ଶ୍ରୀକୃଷ୍ଣ ବୋଇଲେ ଶୁଣ ନାଗରୀ । ଯାହା ଅରଜନ୍ତି
ଭୁଞ୍ଜିବ ଟିକି । ଦଇବେ ମୋହର ନାବ ଦଦରା । ଚହଲି ହୋଇଛି
ବିଷମ ଭରା । ତୁମ୍ଭେ ଗୋପାଙ୍ଗଣୀ ନ ପାର ଲାଜ । ଅନବରତେ
ହୋଇଥାଅ ସଜ । ଯେତେ ଅଳଙ୍କାର ହୋଇଛ ସାଜ । ଭଙ୍ଗାନାଉ
କମା ନ ପିଇ ଭଜ ॥ ତୋତେ କି ବୋଲିବା ନ ଜାଣ ଏହା ।
ଜଳଦେବତାଙ୍କୁ ନମାନ ଯାହା । ମଝି ନଈରେ ଗୋ ନପାର ଡଙ୍ଗା
ସବୁ ଅଳଙ୍କାର ପାଣିକି ପକା । ତେବେ ହୋଇବ ସୁଫଳ କାର୍ଯ୍ୟ
ନୋହିଲେ ନଷ୍ଟହୁ ମରିବା ଆଜ ॥ ଶୁଣି ଚନ୍ଦ୍ରମୁଖୀ ବିକଳ ମନ ।
ଅଙ୍ଗରୁ କାଢ଼ିଲା ସବୁ ଭୂଷଣ ॥ ହେମର ତାଡ଼ଙ୍କା କର୍ଣ୍ଣର କାପ ।
ନାସିକା ବେଶର ମୁକୁତା କାପ । ପାଦରୁ ନୂପୁର ରୁପ ଝୁଣ୍ଟିଆ ।
କଣ୍ଠରୁ କାଢ଼ିଲା ସୁନାପାସିଆ । ଭୂଜରୁ କଙ୍କଣ କାଢ଼ିଲା ରୂଷି । ଦଧି
ହାଣ୍ଡିରେ ଥୋଇଲା ନେଇ ॥ ବୋଇଲା ଶୁଣ ଅବଧାନ ତୁମ୍ଭ । ନାଶ
ନ ଯାଉ ତୁମ୍ଭେ ପଚ୍ଛେ ନଷ୍ଟ । ଶ୍ରୀକୃଷ୍ଣ ବୋଇଲେ ଶୁଣ ଲୋ ଗୋପୀ
ନଷ୍ଟହୁ ମଣିଲୁ ତୁ ବଡ଼ ପାପୀ । ଗଙ୍ଗାଦେବୀଙ୍କର ଏ ଅଳଙ୍କାର । ମୁଁ
ତାହା କେମନ୍ତ କରିବି ପାର । ଭଲ ମନ୍ଦ କିଛି ନ ଜାଣ ଗୋଈ ।
ଜାଉଥିଲେ ଧନ କୋଟିଏ ପାଇ । ରାଧିକା ବୋଇଲେ ଅମୂଲ୍ୟ ରତ୍ନ ।
ଦେବତା ମାନେ ଲୋଡ଼ନ୍ତି ଯତନ । କେମନ୍ତେ ପାଣିକି ଦେବି
ପକାଇ । ସତ ନ କହଇ କେଉଟ ଭାଇ । ମୋତେ ଏଥୁ ପଛେ କିଛି
ନ ଦିଅ । ନାଶ ନ ଯାଉ ପଚ୍ଛେ ତୁମ୍ଭ ନଷ୍ଟ ॥ ଶ୍ରୀକୃଷ୍ଣ ବୋଇଲେ ଶୁଣ
ଗୋ ରାଧା । ଧନକୁ ମୋହର ନାହିଁ ଶରଧା ॥ ତୁମ୍ଭ ଶୁଭେ ଯେବେ
ନଷ୍ଟିନେଇଥିବୁ । ତୋ ଦସ୍ତାରେ ମୋତେ ମିଳିବ ସବୁ ॥ ଶୁଣି ରାଧିକାର
ଉଡ଼ିଲା ମନ । ଜିହ୍ୱାକା ମୁଡ଼ି ଛୁଇଁଲା ଶ୍ରବଣ ॥ ବୋଇଲା ତୁ ଏଡ଼େ
ପାପର ମୂଢ଼ା । କି କଥା ବୋଲୁଛୁ କେଉଟ ବୁଢ଼ା ॥ କେଉଟ ହୋଇ

ତୋ ଏତେଡ଼ ଭରସା । ଆଜ ବେଳେ ତାହା ତୁଣ୍ଡେ ନ ବସା ।। ଲୋକ ଜାଣିଲେ ତ ସହଜେ ମଣ । ଜାତି ହରାଇଚ କେମନ୍ତେ କହ ।। ବଡ଼ଲୋକଙ୍କ ମୁଁ ଅଟଇବୋହୂ । କେଉଁଟ ହୋଇଲୁ ଏଭ୍ରଷା କହୁ । କୃଷ୍ଣ ବୋଇଲେ ଗୋ ଶୁଣ ସୁବଙ୍ଗ । ମୋ ଛଡ଼ୁଁ ତୋର କେଉଁ ବଡ଼ ଜାତି ।। କେଉଁଟ ବୋଲାଣ ନ ପାଅ ଲାଜ । ନନ୍ଦପୁଅ ମୁଁ ଯେ ଦେବାଧିରାଜ । ତୋତେ ଦେଖି ମୋର ବଳଇ ଆଶ । ତେଣୁ ଧରିଲି ମୁଁ ତରୀର ବେଶ ।। ଯାହାଭାବୁଥିଲୁ ସୁବଙ୍ଗଗୋଟି । ତାହି ପାଇଲେ ମୁଁ ସେହୁ କାହ୍ନୁ ଟି । ଏହାଶୁଣିବୋଲେ ରାଧାସୁନ୍ଦରୀ । ମଲ୍ଲକୁଜାବୃତା କଥାବୁଲଣି । ପିଠିରେ ଶୋଭଇ ବିଷମ ଭାର । ଆଖି ଦୁଇ ଯୋଡ଼ି ହୋଇଛୁ ଟେର ।। ପାଚିଲା ମୁଖକୁ ପାଚିଲା ଦାଢ଼ି । କଳା ଖଣ୍ଡେ ଅଛୁ କଟିରେ ଭିଡ଼ି ।। ଗୋଡ଼ ଟେଗାଦର ଦେହ ତୋର ମୋଟା । ଦାନ୍ତ ନାହିଁ ବୁଢ଼ା ପାକୁଆ ଗୋଟା ।। କଙ୍କାହୋଇ ଆଜ ନ ପାରୁ ଚାଲି । ମୋତେ ଭଣ୍ଡୁଅଛୁ ଶ୍ରୀକୃଷ୍ଣ ବୋଲି । କୋଟିମଦନ ଯା ରୂପଗଞ୍ଜନ । ନାମ ଅବା ତୋର ତରାଇ କାହ୍ନା ।। ଆମ୍ଭର ଶ୍ରୀକୃଷ୍ଣ ଏମନ୍ତ ରୂପ । ଗୋପୀମାନଙ୍କର ଅମୀପ୍ସ କୂପ ।। ମନ୍ଦାନ୍ତର ଦାର୍ଣ୍ଣି ପ୍ରଭୁମଣିକୁ । ଇନ୍ଦ୍ର ସର ନୁହେଁ ପାଦତଳକୁ ।। କୋଟିଲକ୍ଷ୍ମୀ ଯାର ଚରଣେ ଥିବ । ସେ କାହୁଁ ନଈରେ ନାବ ବାହିବ ।। ବେଶରେ ବାନ୍ଧୁଚ ଅଟଇ ସାନ । ତାକୁ ଚିହ୍ନିବ କେ ଏ ବୁଦ୍ଧିମାନ । ଏବେ ତ ଧରିଛୁ ଏମନ୍ତବେଶ ।। ତୋତେ ଦେଖି ମୋତେ ମାଡ଼ୁଛି ହସ ।। ଶ୍ରୀକୃଷ୍ଣ ବୋଇଲେ ଶୁଣରେ ସଖୀ । ସତ ମିଛ କଥା ବୁଝିବୁ ଟିକି ।। ମୋର ତୁଣ୍ଡେ ମିଛ ନ ଆଇ ଜାଣ । ମାମୁଁଙ୍କ ଶପଥ ମାଇଁଙ୍କରାଣ ।। ରାଧିକା ବୋଇଲେ ତରାଇ ଭାଇ । ଏଡ଼େ ରାଣ ତୋର କି କଥାପାଇଁ ।। କଷ୍ଟସୁ ତୁ ଯେବେ ଯଶୋଦା ପୁଅ । ସୁନ୍ଦର ବଦନେ ପ୍ରକାଶ ପାଅ । ବଡ଼ମା କରି ତୁ କହୁଛୁ କେତେ । ନିଜ ରୂପ ତୋର ଦେଖାଅ ମୋତେ ।। ଶ୍ରୀକୃଷ୍ଣ ବୋଇଲେ ଅନାଇ ଥାଅ । ରୂପ ଦେଖି ମୂର୍ଚ୍ଛାଗତ ନ ହୁଅ ।। ଶରଧା ଯେବେ ଗୋ ବଳଇ ମିତ । ନୟନ ବୁଜ ସ୍ଥିର କରି ଚିତ୍ତ ।। ଶୁଣି ଚନ୍ଦ୍ରମୁଖୀ ନୟନ ବୁଜି । ଗୋବିନ୍ଦ ନାମ ମନେ ମନେ ହେଜି । ରାଧାକୁ ବୋଇଲେ ଏବେ ତୁ ଅନା । ତୁ ଯେବୋଇଲୁ ମୋତେ ନୁହଇଁ

କାହ୍ନା ॥ ଶ୍ରୀକୃଷ୍ଣ ବଚନ ଶୁଣିଣ ରଙ୍ଗ । ନସ୍ପୃଶ ଫେଣ୍ଡି ବେଗେ ତେଜିଲେ
ରଙ୍ଗି । ପ୍ରତ୍ୟକ୍ଷେ ଦେଖିଲେ ସାରଙ୍ଗଧର । ହସ୍ତହଳ ବୋଲି ଯୋଡ଼ିଲେ
କର । ସ୍ମିତ କରି ରାଧା କହେ ବଚନ । ଦ୍ରୋହ କଲି ପ୍ରଭୁ ଦୋଷ ନ
ନେନ । କୃଷ୍ଣ ମାୟାଧର ଯେ ବାସୁଦେବ । ମୁଁ ତାହା କେମନ୍ତେ
କରିବ ଠାବ । ନ ଜାଣି ପ୍ରତିଜ୍ଞା କଲି ମୁଁ ଗାଢ଼ । ସ୍ତ୍ରୀ ଜନ୍ମ ସିନା
ସ୍ୱଭାବେ ମୂଢ଼ । ତୋ ରୂପ ଦେଖିଣ ଦେବାଧିରାଜେ । ମଦନବାଣ ମୋ
ହୃଦରେ ବାଜେ । କାମ ସାଗରୁ କର ମୋତେ ପାର । ବେନି ପାଦ
ଧରି ପଡ଼ିଲେ ବଳି । ଶ୍ରୀକୃଷ୍ଣ ବୋଇଲେ ଶୁଣ ଗୋ ମିତ । ଏବେ
କାହିଁ ପାଇଁ ଏତେ ଉଦ୍ଧତ । ରାଧିକା ବୋଇଲେ ମନ୍ମଥ ମୋତେ ରୁଷଣ
ଏତରେ ବଶ ନ କରୁ । କାମବାଣେ ହୃଦ ଯାଉଛି ଫାଟି । ଶାନ୍ତ କର
ପ୍ରଭୁ ନ କଷ୍ଟେ ମଲିଟି । ଶ୍ରୀକୃଷ୍ଣ ବୋଇଲେ ଆରତ ନୁହ । ବାଞ୍ଛା
ପୂର୍ଣ୍ଣ ହେବ ସୁସ୍ଥିର ହୁଅ । ତୋହର ମନ କଥା ଜାଣଇ ରାଧା । ତୋ
ଦେହେ ମଦନ ହେଉଛି ବାଧା । ଉଠ ଉଠ ସଖୀ ନ ପାଅ ଲାଜ ।
କୋଳରେ ଧରିଲେ ଦେବାଧିରାଜ । ବିବିଧ ରଙ୍ଗରେ ତୋଷିଲେ
ମନ । ସନ୍ତୋଷ ହୋଇଲେ ସେ ରସବନ୍ତ । ସରିଲା ରାଧାମାଧବ
ବିହାର । ଲାଜ ପକାଇଗଲା ପଞ୍ଚଶର । ଗୋପୀଏ ବୋଇଲେ ଶୁଣ
ମିତଣି । ବଡ଼ ମାୟାଧର ଶାରଙ୍ଗପାଣି । ଯଶୋଦା ପୁଅର ମହିମା
ଭଲ । ସେଲ୍ଲଠାରେ ପୁଣି ବୁଦ୍ଧିଏ କଲ । ରାଧାକୁ ବୋଲେ କୁଞ୍ଜକୁ
ଯାଅ । ଆଗ ସଖୀ ଆଣେ ସେ କୁଞ୍ଜେ ଥାଅ । ସଖୀମାନଙ୍କୁ ତ ଆଣିବା
ଟିକ । କେତେ ବେଳେ ଯିବ ଗୋରସ ଛକ । ଏମନ୍ତ ବୋଲନ୍ତି ଶ୍ରୀବାସୁ
ଦେବ । ମଣି ନଉକୁ ବାହୁଡ଼େଲେ ନାବ । ଚତୁର୍ଭୁଜ ମଧ୍ୟ ଦେବା-
ଧିରାଜ । ସେଠାରେ ପୁଣି ହେଲେ ଅନ୍ତର୍ଦ୍ଧାନ ॥ ବୃନ୍ଦା ଆହା ନାମ
ଷୋଡ଼ଶ ବର୍ଷି । ଷଡ଼ୁ କୃଷ୍ଣ ବାସ ତା ପାଦେ ଭସି । ତ୍ରିଭଙ୍ଗ
ମୂରତି ଧରି କହ୍ନାଇ । ନିକୁଞ୍ଜ ବନରେ ମିଳିଲେ ଯାଇ । ଅତ୍ୟନ୍ତ
ସୁନ୍ଦର ରୂପ ଧଇଲେ । ନୂଆ ମଦନ କି ମୋହିଅଇଲେ । ରୂପ ଦେଖି
ମୁନି ହେବ ଭ୍ରତର । ଯୁବତୀ ଜୀବନ କେତେ ମାତର । ସବୁ ଗୋପୀ
ଆସ୍ତେ ବସିଣ ଅଛୁ । ସେଠାରେ ମିଳିଲେ କମଳଚକ୍ଷୁ । ହସ ହସ
ହୋଇ ଦେବ ଶ୍ରୀବତ୍ସ । ବୋଇଲେ ବଧିତ ରଖି ବସିଛ । ଗୋପୀଏ

ନିଚାରନେ ଶୁଣ ମାଧବ । ଝଗଡାରେ କର୍ମ ବଢ଼ିଯିବ ବହୁ ।
ଗୋପର ବୁଦ୍ଧି ଏକଥା ବାବୁ । ସ୍ଥଳ କଳ ଧାଇଁ କେମନ୍ତେ ଯିବୁ
ରଙ୍ଗ ନାଚନ୍ତେ ଯମୁନାର ଥିଲ । ଆଗ ହୋଇ ଚଳି ରାଧିକା ଗଲ ।
ଲଗାଇ କଥା ତୁ ଶୁଣ କହ୍ନାଇ । କେତେ ପରପଞ୍ଚ ଦେଖିଛ ଧାଇଁ ।
ଯାଉଛ ଦଣ୍ଡି ଚା ନପୁର ଦେଉ । ପିଠିଆଡ଼େକୁ ନ ବୋଲୁଛ ଘୋଡ଼ା ।
ଆମ୍ଭଙ୍କୁ ବୋଇଲ କୂଳରେ ଥାଅ । ଜଣେ ଜଣେ କରି ସମସ୍ତେ
ଯାଅ । ଏତେବେଳ ନାବ ବାନ୍ଧଣ ଥିଲ । ଚନ୍ଦ୍ରବଦନୀ କ ଭଣ୍ଡାଇ
ଦେଲ । ଲଳ ଆମ୍ଭଙ୍କୁ ନ ଦଶଇ ବାଟ । ଲବୁଦ୍ଧି କରିବୁ ନନ୍ଦବଳାଟ
ଶୁଣି ତସ୍ୟାନନ୍ଦ ମନେ ଜାଚର । ଜଭ ଜାମୁଡ଼ିଲେ ଶାରଙ୍ଗଧର ।
ଚାଟକା ହୋଇଣ ଶ୍ଯାବଦମାଲୀ । ଭୂମିରେ ପଡ଼ିଲେ ମିଳେଁଇ ତଳ
ଗୋପୀଙ୍କି ବୋଇଲେ ତୁମ୍ଭେ ନ ମଲ । ମୋର ମାଇଁକ ଗୋ ଏମନ୍ତ
କଲ । ଆଜ ଧାଇଁ ଚାର ପାଇବ ଭେଟ । ରାଧାକୁ ନେଲ ସେ ବୁଢ଼ା
କେଉଟ । ଏତେ କରମ ଗୋ ଜପାଇଁ କଲ । ସାଙ୍ଗରେ
ଜଣେ ନ ଗଲ । ନବସୁଣ ନେଉକରେ ଯାହାକୁ । ବୁଢ଼ା ଜେ
ଦେନଗଲ ତାକୁ । ତୁମ୍ଭମାନଙ୍କୁ ଗୋ ଲଜ ନାହିଁକ । ଗ୍ରୁଷ
ଦେନଗଲ ମୋର ମାଇଁକ । ତୁମ୍ଭେମାନେ ଏବେ କରଚ କସ
ଆମ୍ଭିଲା ହୋଇଲ ଖକା ଗୋରସ । ମଥୁରା ହାଟକୁ ଯାଅ ଯାଅ କ
ମାମୁଁ ଅଟେ ଅମ୍ଭେ କହୁବାହିକ । ଆପଣେ ବ୍ରିଙ୍ଗାସଦରର କଥା ।
ନଜାଣି କହୁଲେ ଆମ୍ଭଙ୍କୁ ବ୍ୟଥା । ଗୋପୀ ବୋଇଲେ ସ୍ଥିରେବାବୁ
ଛୋଡ ସଙ୍ଗେ ଆମେ ବାହୁଡ଼ି ଯିବୁ । ସାଙ୍ଗରୁ ତ ଚେତେବ ଗଲ
ରାଧିକା । ରଜାର ଗୋରସ ହେଲ ଅବକା । ତଳିକ ବଣ୍ଡିରୁ ଯମୁନା
ଜଳ । ଯୁବା ସ୍ତ୍ରିୟା ଯିବୁ କେମନ୍ତ ହୋଇ । ଶ୍ରୀକୃଷ୍ଣ ବୋଇଲେ
ସ୍ଥାନ କହିଁକ । ଭଲକଥା କମା କରୁଛ ନକ । ନଦୀ ବଢ଼ିବାକୁ
ଭୟ ନ ଥାଏ । ମୁଣ୍ଡେ ବୋଝ ଦେନ ପହଁଶ ଯାଅ । ବୁଡ଼ିମରିବାକୁ
କରନ୍ତ ପଞ୍ଚ । ସେଲେ କଥା ଭଦ୍ର ପ୍ରଜଣା ଭଞ୍ଚ । ଶ୍ରୀକୃଷ୍ଣ ବୋଇଲେ
ଶୁଣ ଗୁଆଳୀ । ଜାଇଁଧାଇଁ ମୋତେ କର ଉମାନ । ଜାଣଚିକ
ମୋର ମନ୍ତ୍ରର ବାନା । ଜଳ ସ୍ଥଳ ମୋତେ କଷ୍ଟତ ସିନା ।

ଏକା ପୂଜାଏ ଦେବ ମନ୍ତ୍ର ପଢି । ଯମୁନା ପାଣି କେଂଣେ ଯିବ ଉଡ଼ି ॥ ଜଳ ଶୁଖିଯାଇ ଦିଶିବ ବାଲି । ତୁମ୍ଭେ ସୁଖେ ଯିବ ନଦୀରେ ଚାଲି ॥ ଗୋପୀ ବୋଇଲେ କାନ୍ଥୁ ନୋହୁ ବଡ । ପାରିଲେ ତୁ ବାବୁ ସଙ୍କଟ ଫେଡ଼ ॥ କୃଷ୍ଣ ବୋଇଲେ ଗୋ ଶୁଣ ତରୁଣୀ । କଥାଏ ମାଗିଲେ ଦ ଚଳ ପୁଣି ॥ ଯେଉଁ ମନ୍ତ୍ରର ଗୋ ଶିଖିଛୁ ମୂର୍ତ୍ତି । ଲକ୍ଷ ନ ପାଇଲେ କାଠଇ ନାହିଁ ॥ ନୂଆକରି ଆମ୍ଭେ ପଢ଼ିବା ଆଜ । ସଫଳ ହୋଇଲେ ନୂହଇ କାର୍ଯ୍ୟ । ତାଳମାଣ ପୁଣି ଦମିବ ତୁମ୍ଭେ । ଗୁରୁନନ୍ଦା ପୁଣି ପାଇବା ଆମ୍ଭେ ॥ ଅଳପ ବସ୍ତୁତ ନାହିଁ ନୋହିବ । ଏତେକ ମନ୍ତ୍ରର ସିଦ୍ଧି ପାଇବ ॥ ଗୋପୀଏ ବୋଇଲେ ଶୁଣରେ ବାବୁ । ତୋତେ ପୁଣି ଆମ୍ଭେ କି ଲକ୍ଷ ଦେବୁ । ଶାସ୍ତ୍ରଘରେ ଥାଇ କିବା ଗରବ । ...ହୁଁ ଉଆଣିବୁ କେଉଁ ଦରବ ॥ ଉଆଣ କରିବା ପଦାର୍ଥ କହି । ...କା ଆଣିବା କହୁଛ ନାହିଁ । ଏଠାକୁ ଆଣିବୁ କେଉଁ ଦରବ । ...କବାରେ ଆଛନ୍ତି ସବ ॥ ଶ୍ରୀକୃଷ୍ଣ ବୋଇଲେ ଅଳପ କଥା । ...ର ଦେହକୁ ନୋହିବ ବ୍ୟଥା ॥ ତୁମ୍ଭ ଆମ୍ଭ କଥା ଦୁଇ ମେଳକୁ । କଥା ରହିଥିବ କାଳ କାଳକୁ ॥ ଗୋପୀଏ ବୋଇଲେ ମାଗିଲୁ ଯାହା । ଫେଡ଼ କରି କମା ନ କହୁ ତାହା ॥ ଶ୍ରୀକୃଷ୍ଣ ବୋଇଲେ ଯାହା ମାଗିବା । ସତ୍ୟ କଲେ ସିନା ଫେଡ଼ି କହିବା ॥ ଗୋପୀ ବୋଇଲେ ହେ ସେ କଥା ଗୁଢ଼ । ସତ୍ୟ କଲୁ ବାବୁ ବେଦନା ଫେଡ଼ ॥ ଶ୍ରୀକୃଷ୍ଣ ବୋଇଲେ ଶୁଣ ତରୁଣୀ । ହରି ନେଇଅଛୁ ଯମୁନା ପାଣି ॥ ଗୋପୀ ବୋଇଲେ କେଉଁ କଥା ବାବୁ । କେତେବେଳେ ଆମ୍ଭେ ମଥୁରା ଯିବୁଁ । ଆମ୍ଭେ ବୁଝିଲେ ତୋ ମନ୍ତ୍ରର ବାଧା । ନାମ ଦେଇ ଯିବୁ ଛଇଳ କହ୍ନା ॥ ଶ୍ରୀକୃଷ୍ଣ ବୋଇଲେ ଆରତ ନୁହ । ପଛଅଣ୍ଡକୁ ଗୋ ସମସ୍ତେ ରହ ॥ ବସ୍ତ୍ର ମାୟାକୁ ରଚିଲେ କହ୍ନାଇ । ଆଣ୍ଠି ପ୍ରମାଣେ ଶୁଖିଗଲା ନଈ ॥ ମୀନ ମକର ଯାଉଛନ୍ତି ଚାଲି । ଝଲମଲ ହୋଇ ଦିଶୁଛି ବାଲି ॥ ନିର୍ମଳ ହୋଇଲା ଦିଶିଲା କୂଳ । ଅଣ୍ଟା କି ଉଚ୍ଚରେ ରହିଲା ଜଳ ॥ ଏମନ୍ତ ସମୟେ ଦେବାସୁରସ୍ତେ । ନବୀନ ସୁନ୍ଦର ବପୁସ ଦ୍ରବ । ତ୍ରିଭଙ୍ଗ ଠାଣି ପ୍ରକାଶି ରହିଲେ ।

ନୂଆ ମଦନ କି କାହ୍ନୁ ଅଇଲେ ॥ ହରଷେ ବୋଲନ୍ତି କମଳ ମୁଖୀ
ନଦୀ ଶୁଖିଗଲା ସମସ୍ତେ ଦେଖ ॥ ଶୁଣି ଅନାଇଲେ ଗୋପ ଯୁବତୀ
ଦେଖିଲେ ଶ୍ରୀକୃଷ୍ଣ ଦିବ୍ୟମୂରତି ॥ ଦଧିରସ ସେ ଗୁଡ଼ ସକଳ ।
ମଦନ ଆରତେ ହୋଇଲେ ଭୋଳ ॥ ଦେଖିଲେ ଶୁଖିଛି ଯମୁନା
ନଈ । ଭଙ୍ଗ ହୋଇଛି ଜଗତ ଗୋସାଇଁ । ଗୋପୀଏ ବୋଇଲେ
ମନ୍ମଥମାନେମନ୍ତୁ । ମାଗିଲା କଥା ହେଲା ନ କରୁ । ବନ୍ଧୁଅଛୁ ବାଣ
ଅନଙ୍ଗଶକ୍ତି । ଭୂକେଳି ଭଙ୍ଗି କମ୍ପା ନ ଧର ଆସି । ହୃଦୟ ଫାଟୁଛି
କିଛି ନବୁଝ । ଆମ୍ଭମାନଙ୍କୁ ରକ୍ଷାକରଆଜ । ନୋହିଲେ ଜୀବନଗଲା
ଗୋସାଇଁ । ଘଟେ ବୋଲିବଟି କହିଲ ନାହିଁ ॥ ଶ୍ରୀକୃଷ୍ଣ ବୋଇଲେ
ଶୁଣ ତରୁଣୀ । କେଉଁକଥା ଆମ୍ଭେ ମାଗିଲୁ ପୁଣ । ଫେଡ଼ି ନ କହୁ ତ
ଜାଣିଲ ତୁମ୍ଭେ । ତଣ୍ଟିକ ତକତ ହୋଇଲୁ ଆମ୍ଭେ ॥ ଗୋପୀ
ବୋଇଲେ ଭୁ ଗଣ୍ଡିଆ ଗୁରୁ । କ୍ଷଣିକ ଭିତରେ କପ ନକରୁ ।
ତୋର ମନ କଥା ଅମ୍ଭଙ୍କୁ ଜଣା । ଆମ୍ଭମନ ନକ ତୋତେ ଅଜଣା ।
ମାନତ ଅଭେଦ କମଳ ଚକ୍ଷୁ । କାହାମନ କି ଭାବ ନ ଜାଣିଛୁ । ଶୁଣି
ବସୁନନ୍ଦି ସ୍ନେହରେ କହି । ଅରୁଣ ଅଧରେ ହାସ ପ୍ରକାଶି ॥ କ୍ଷଣିକ
ଭିତରେ ଦେବାଧିରାୟେ । ଯେତେ ଗୋପୀ ତେତେ ରୂପ ଉଦୟେ ।
ବିବିଧ ରଙ୍ଗେ ବିହାର କରନ୍ତି । ସବୁ ଗୋପୀଙ୍କର ମନ ତୃପତି ॥
ବିହାର କରଣ ନନ୍ଦର ସୁତ । ବୋଇଲେ ଯାଅ ଯା ମଥୁରା ହାଟ ॥
ଶୁଖିଲା ନଦୀରେ ଯାଅ ଯା ଚାଲି । ଆମ୍ଭେ ଯାଉଅଛୁ ଘରକୁ ବୋଲି ॥
ଗୋପୀଏ ବୋଇଲେ ଶୁଣ ସଙ୍ଗାତ । ଏମନ୍ତ ମନ୍ମଥ ଯଶୋଦାସୁତ ॥
ହର ବଦନେ ସ୍ତୁତିକଲେ ଯାକୁ । ଗୋପାଳ ପୁଅ କେ ବୋଲିବ
ତାକୁ ॥ ଏତେ ବାଳକାନ୍ତ ଚେଡ଼େ ହଟିଆ । ସବୁ କଥା ଛାରଢନ
କାଟିଆ । ଭକତବାନ୍ଧବ ଜଗଜ୍ଜୀବନ । ଧ୍ୟାନକୃଷ୍ଣଦାସ ପଦେ ଶରଣ ॥

ସ ମା ପ୍ତ

ମୁଦ୍ରାକର—ଶ୍ରୀ ଆନନ୍ଦଚନ୍ଦ୍ର ସାହୁ, ବିମଳା ପ୍ରେସ୍, କଟକ-୨

ବିଜ୍ଞାପନ

ପ୍ରିୟ ବନ୍ଧୁ-ବ୍ୟବସାୟୀ ଭାଇମାନେ,

ବେପାର କରି ଲାଭ କରିବାର ଇଚ୍ଛା ଥିଲେ ଧର୍ମକୁ ବିଶ୍ୱାସ କରନ୍ତୁ, ଧର୍ମ ଚାରିଯୁଗେ ସତ୍ୟ, ସେହି ଧର୍ମ ନାମରେ ଧର୍ମଗ୍ରନ୍ଥ ଷ୍ଟୋର ନାମକ ଗୋଟିଏ ଷ୍ଟୋର ବ୍ୟବସାୟୀଙ୍କ ସୁବିଧାର୍ଥେ କରି ବଜାର ଅପେକ୍ଷା ଯଥେଷ୍ଟ ସୁବିଧା ଦରରେ ପାର୍ଶଲ ଯୋଗାଉଛନ୍ତି । ଥରେ ଆମ୍ଭ ବନ୍ଧୁ ପ୍ରତ୍ୟେକରୁ ଖଣ୍ଡେ ଲେଖାଏଁ ପାର୍ଶଲ ମଗାଇ ପରୀକ୍ଷା କରନ୍ତୁ, ଆମ୍ଭର ସତ୍ୟାସତ୍ୟ ବୁଝିପାରିବେ । ଏତଦ୍‌ବ୍ୟତୀତ ଖଡ଼ିରତ୍ନ ପଞ୍ଜିକା ସାମନ୍ତ ପଞ୍ଜିକା, ବିରଜା ପଞ୍ଜିକା, ସଂକ୍ଷେପ ପଞ୍ଜିକା, ଡାଏରୀ, କ୍ୟାଲେଣ୍ଡର, ମଧ୍ୟ ଯଥା ସମୟରେ ଯୋଗାଉ । ଏଥି ନିମିତ୍ତ ଅଗ୍ରୀମ ସବୁ ପୂର୍ବରୁ ଅର୍ଡ଼ର ଦେବାକୁ ଅନୁରୋଧ । ଚିଠିପତ୍ର ଦେଲାବେଳେ ଠିକଣା ପରିଷ୍କାର ଭାବେ ଲେଖନ୍ତୁ ।

ପ୍ରକାଶକ—ଧର୍ମଗ୍ରନ୍ଥ ଷ୍ଟୋର

ପ୍ରୋପ୍ରାଇଟର—ଶ୍ରୀ ବିଦ୍ୟାଧର ସାହୁ

ଓଡ଼ିଆ ବଜାର, କଟକ-୨